# କଷ୍ଟ୍ ଆକାଉଣ୍ଟାଟ୍‌ସ ଅଫ ଇଣ୍ଡିଆ - ଭୁବନେଶ୍ୱର ଚାପ୍ଟରକୁ କ୍ରମାଗତ ୧୯ତମ ଶ୍ରେଷ୍ଠ ପୁରସ୍କାର

ଭୁବନେଶ୍ୱର(ନି.ପ୍ର): ଦ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କଷ୍ଟ୍ ଆକାଉଣ୍ଟାଟ୍‌ସ ଅଫ୍ ଇଣ୍ଡିଆ - ଭୁବନେଶ୍ୱର ଚାପ୍ଟରକୁ କ୍ରମାଗତ ୧୯ତମ ଶ୍ରେଷ୍ଠ ଚାପ୍ଟର ପୁରସ୍କାର ଗତ ୨୬.୩.୨୦୧୬ ତାରିଖରେ ପ୍ରଦାନ କରାଯାଇଛି । ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କଷ୍ଟଆକାଉଣ୍ଟାଟସ୍ ଅଫ୍ ଇଣ୍ଡିଆ, କୋଲକତା ଦ୍ୱାରା ଆୟୋଜିତ କରାଯାଇଥିବା 'ଜାତୀୟ ଆଞ୍ଚଳିକ ପରିଷଦ ଓ ଚାପ୍ଟର ମିଟ୍' ମୁନାର କେରଳର ଏକ ସ୍ୱତନ୍ତ୍ର ଉତ୍ସବରେ ଏହା ଘୋଷଣା କରାଯାଇଥିଲା । ପୂର୍ବାଞ୍ଚଳ ଆଞ୍ଚଳିକ ପରିଷଦ ଭିତରେ ଥିବା ଚାପ୍ଟର ମାନଙ୍କ ମଧ୍ୟରୁ ଭୁବନେଶ୍ୱର ଚାପ୍ଟରର ଉନ୍ନତ ଭିତ୍ତିଭୂମି, ଗୁଣାତ୍ମକ ଶିକ୍ଷା ପ୍ରଦାନ, ପ୍ରଫେସନାଲ ବିକାଶ ମୂଳକ କାର୍ଯ୍ୟ ଓ ଛାତ୍ରଛାତ୍ରୀମାନଙ୍କ ସଫଳତା ଇତ୍ୟାଦିକୁ ତର୍ଜମା କରାଯାଇ ଉକ୍ତ ଚାପ୍ଟରର ସ୍ୱତନ୍ତ୍ରତା ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା । ଏହା ବ୍ୟତୀତ ଉକ୍ତ ଚାପ୍ଟରର ସଦସ୍ୟମାନଙ୍କ ଜ୍ଞାନର ଉନ୍ନତି କରଣ

# ମନ୍ତ୍ରୀପଦ ମୋହକୁ ଦାମ ତୁଚ୍ଛ କରିଦେଲେଣି ଦଳକୁ ଅଧୋଗତିରୁ ରକ୍ଷା ପାଇଁ ପ୍ରୟାସ

ଭୁବନେଶ୍ୱର (ନି.ପ୍ର.): ବିଜେଡିର ବରିଷ୍ଠ ନେତା ଡଃ ଦାମୋଦର ରାଉତ ପ୍ରବାଦ ପୁରୁଷ ବିଜୁବାବୁଙ୍କର ଆଦର୍ଶରେ ଅନୁପ୍ରାଣିତ ହୋଇ ତାଙ୍କର ରାଜନୈତିକ ଜୀବନ ଆରମ୍ଭ କରିଥିଲେ ଏବଂ ଏବେ ମଧ୍ୟ ସେହି ଆଦର୍ଶକୁ ମାନିଚାଲିଛନ୍ତି । ଜୀବନରେ ବହୁବାର ବିଧାୟକ ଓ ମନ୍ତ୍ରୀ ହୋଇଛନ୍ତି । ଯେତେବେଳେ ତାଙ୍କୁ ମନ୍ତ୍ରୀପଦରୁ କଢାଯାଉଛି ସେତେବେଳେ ଲଜେଇକରି ମନ୍ତ୍ରୀମଣ୍ଡଳକୁ ପୁଣି ଫେରିଛନ୍ତି । ମାତ୍ର ବର୍ତ୍ତମାନ ବିଜେଡି ଦଳ ଓ ସରକାରର କାର୍ଯ୍ୟକଳାପ ତାଙ୍କୁ ଗଭୀର ଅସନ୍ତୁଷ୍ଟ କରିଦେଇଛି । ଯାହାଫଳରେ ସେ ଆଉ ମନ୍ତ୍ରୀ ପଦ ଉପରେ ଭରସା ରଖିନଥିବା ଲକ୍ଷ୍ୟ କରାଯାଇଛି । ରାଜ୍ୟର ଶାସନକୁ ଅଫିସରମାନେ ଚଳାଉଥିବା ବେଳେ ମନ୍ତ୍ରୀ, ବିଧାୟକ ମାନଙ୍କର ଶାସନରେ କୌଣସି କାଟତି ନଥିବା ଦେଖି, ଦାମ, ଦଳ ଓ ସରକାର ଉପରେ ବିଷୋଦ୍‌ଗାର କରି ଚାଲିଛନ୍ତି । ସେ ମଧ୍ୟ ଶାସନରେ ବିଭ୍ରାଟ ପାଇଁ ଅଫିସର ମାନଙ୍କୁ ସିଧାସଳଖ ଦାୟୀ କରିବାକୁ ପଛପୁଞ୍ଚା ଦେଉନାହାଁନ୍ତି । ବିଜୁବାବୁଙ୍କ ଆଦର୍ଶରେ ଗଠିତ ବିଜୁଜନତା ଦଳରେ ଏବେ ବିଜୁବାବୁଙ୍କ ସହିତ ଆଦୌ ସମ୍ପର୍କ ନଥିବା ଯୁବମନ୍ତ୍ରୀମାନେ ସର୍ବେସର୍ବା ହୋଇଛନ୍ତି । ଯାହାକୁ ଦାମଙ୍କ ପରି ଦଳର ଜଣେ ବରିଷ୍ଠ ନେତାଙ୍କ ସରକାରକୁ ସଜାଡିବାକୁ ସେ ଜୋର୍‌ଦାର୍ ପ୍ରୟାସ ଚଳାଇଥିଲେ ମଧ୍ୟ ତାଙ୍କ କଥାକୁ କେହି ଗୁରୁତ୍ୱ ନଦେଇ ଓଲଟି ନାନା ଟୀପ୍ପଣୀ ଦେବାରେ ଲାଗିଛନ୍ତି । ସ୍ୱର୍ଗତ ବିଜୁବାବୁଙ୍କର ଜନ୍ମ ଶତବାର୍ଷିକୀ ଉତ୍ସବ ପାଇଁ ପାରାଦ୍ୱୀପରେ ବିରୋଧୀ ଦଳଗୁଡିକର ନେତାମାନଙ୍କୁ ନେଇ କରିବା, ବିରୋଧୀ ଦଳର ନେତା ମାନଙ୍କ ସହିତ ଖୋଲାଖୋଲି ସମ୍ପର୍କ ରଖିବା ଏବଂ ବିଜେଡି ଦଳ ଓ ସରକାରର ଦୋଷ ଦୁର୍ବଳତାକୁ ପଦାରେ ପକାଇବା ଫଳରେ ଡଃ ଦାମୋଦର ରାଉତ ଏବେ ଦଳ ପାଇଁ ଆଲୋଡା ହୋଇଯାଇଛନ୍ତି । ଏହା ଦ୍ୱାରା ତାଙ୍କୁ ମନ୍ତ୍ରୀପଦ ହରାଇବା ସମ୍ଭାବନା ରହିଥିଲେ ମଧ୍ୟ ସେ ସେଥିପ୍ରତି ଭୃକ୍ଷେପ ନକରି ନିଜର କାର୍ଯ୍ୟକ୍ରମ ଜାରି ରଖିଛନ୍ତି ।

ନିମନ୍ତେ ବିଭିନ୍ନ ସେମିନାରର ଆୟୋଜନ କରାଯାଇଥିବା ଯୋଗୁଁ ଏହାକୁ ମଧ୍ୟ ଏକ ସ୍ପେଶିଆଲ୍ ଆୱାର୍ଡ଼ ପ୍ରଦାନ କରାଯାଇଥିଲା । ଉତ୍ସବରେ ପୁରସ୍କାର ଗୁଡ଼ିକୁ ଭୁବନେଶ୍ୱର ଚାପ୍ଟରର ଅଧ୍ୟକ୍ଷ ସି.ଏମ୍.ଏ ବିଭୁତି ଭୂଷଣ ନାୟକ, ଉପସଭାପତି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କଷ୍ଟଆକାଉଣ୍ଟାଟସ୍ ଅଫ୍ ଇଣ୍ଡିଆ, ସି.ଏମ୍. ମାନସ କୁମାର ଠାକୁରଙ୍କ ଠାରୁ ଗ୍ରହଣ କରିଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସି.ଏମ୍.ଏ ବିକ୍ରମ କେଶରୀ ଦାସ, ଅଧ୍ୟକ୍ଷ ପ୍ରଫେସ୍‌ନାଲ ଡ଼େଭ୍‌ଲପ୍‌ମେଣ୍ଟ କମିଟି ସି.ଏମ୍.ଏ ଶାସ୍ୱତ ତ୍ରିପାଠୀ ସଦସ୍ୟ, ମ୍ୟାନେଜିଂ କମିଟି, ଭୁବନେଶ୍ୱର ଚାପ୍ଟର, ସି.ଏମ.ଏ ଶିବପ୍ରସାଦ ପାଢ଼ୀ, ଅଧ୍ୟକ୍ଷ ପୂର୍ବାଞ୍ଚଳ ଆଞ୍ଚଳିକ ପରିଷଦ, ସି.ଏମ୍.ଏ ନିରଞ୍ଜନ ମିଶ୍ର, କେନ୍ଦ୍ରୀୟ ପରିଷଦର ସଭ୍ୟ ତଥା ଅଧ୍ୟକ୍ଷ ରିଜଓନାଲ କାଉନ୍‌ସିଲ ଓ ଚାପ୍ଟର କୋର୍ଡିନେସନ କମିଟି, ସି.ଏମ୍.ଏ ଲେଙ୍କଟରମଣ, ସଦସ୍ୟ ପୂର୍ବାଞ୍ଚଳ ଆଞ୍ଚଳିକ ପରିଷଦ, ଦ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କଷ୍ଟଆକାଉଣ୍ଟାଟସ୍ ଅଫ୍ ଇଣ୍ଡିଆ ପ୍ରମୁଖ ଉପସ୍ଥିତ ଥିଲେ ।

ଚାପ୍ଟରର ଅଧ୍ୟକ୍ଷ ସି.ଏମ୍.ଏ ବିଭୁତି ଭୂଷଣ ନାୟକ ଏହି ସଫଳତାକୁ ଓଡ଼ିଶାର ଗୌରବ ବ୍ୟ କରିବା ସହିତ ସମସ୍ତ ଶ୍ରେୟ ଏହାର ପରିଚାଳ ସଦସ୍ୟ, ଶିକ୍ଷକ, କର୍ମଚାରୀ ତଥା ଛାତ୍ରଛାତ୍ରୀମାନ ଉର୍ଘଗ କରିଥିଲେ ଏବଂ ଉକ୍ତ ଧାରାକୁ ବଜାଇ ରଖି ପାଇଁ ସମସ୍ତଙ୍କୁ ଅନୁରୋଧ କରିଥିଲେ ।